# ଏସିଆ କପ୍‌ରେ ବାଦ ପଡ଼ିଲେ ଗିଲ୍-ଜୟସ୍ୱାଲ-ସୁଦର୍ଶ

ନୂଆଦିଲ୍ଲୀ,୧୪/୦୮(ନ୍ୟୁ.ଏ):ପ୍ରତିଦିନ ୨୦୨୫ ଏସିଆ କପ୍ ?କୁ ନେଇ ଭାରତୀୟ ଦଳ ଚୟନକୁ ନେଇ କିଛି ନା କିଛି ଖବର ସାମ୍ନାକୁ ଆସୁଛି । ଏବେ ଏହାକୁ ନେଇ ଏକ ସଦ୍ୟତମ ଖବର ଆସିଛି । କୁହାଯାଉଛି ଯେ ଶୁଭମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ ଏବଂ ଶ୍ରେୟସ ଆୟରଙ୍କୁ ଏସିଆ କପ୍ ଦଳରେ ସ୍ଥାନ ମିଳିବ ନାହିଁ । ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି । ଏସିଆ କପ୍ ୨୦୨୫ ୯ ସେପ୍ଟେମ୍ବର ୯ରୁ ଆରମ୍ଭ ହେବାକୁ ଯାଉଛି । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ସେପ୍ଟେମ୍ବର ୨୮ ରେ ଖେଳାଯିବ । ଏଥର ଏହି ଟୁର୍ଣ୍ଣାମେଣ୍ଟ ଟି-୨୦ ଫର୍ମାଟରେ ଖେଳାଯିବ । ଟିମ୍ ଇଣ୍ଡିଆ ଏସିଆ କପରେ ନିଜର ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୧୦ରେ ଖେଳିବ । ୨୦୨୫ ଏସିଆ କପ୍ ୟୁଏଇର ଆବୁଧାବି ଏବଂ ଦୁବାଇରେ ଆୟୋଜିତ ହେବ । ବିସିସିଆଇ ଏ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଦଳ ଘୋଷଣା କରିନାହିଁ । ସଦ୍ୟତମ ରିପୋର୍ଟରେ ଅନୁଯାୟୀ, ଟିମ୍ ଇଣ୍ଡିଆର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏବଂ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଟି-୨୦ ଦଳରେ ଅଧିକ ପରିବର୍ତ୍ତନ କରିବାକୁ ଚାହାଁନ୍ତି ନାହିଁ । କୁହାଯାଉଛି ଯେ ଉଭୟ ଏହି ଫର୍ମାଟରେ ଖେଳୁଥିବା ଦଳ ସପକ୍ଷରେ ଅଛନ୍ତି । ଏପରି ପରିସ୍ଥିତିରେ, ଶୁଭମନ ଗିଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ ଏବଂ ଶ୍ରେୟସ ଆୟର ଟି-୨୦ ଦଳକୁ ଫେରିପାରିବେ ନାହିଁ । ଏହି ଚାରିଜଣ ଆଇପିଏଲ ୨୦୨୫ରେ ଚମତ୍କାର ପ୍ରଦର୍ଶନ କରିଥିଲେ । ଏହି ଖେଳାଳିମାନଙ୍କୁ ମିଳିବ ସୁଯୋଗ ସଞ୍ଜୁ ସାମସନ ଏବଂ ଅଭିଷେକ ଶର୍ମାଙ୍କୁ ଏସିଆ କପରେ ଓପନିଂ ଦାୟିତ୍ୱ ମିଳିବାର ସମ୍ଭାବନା ଅଛି । ୨୦୨୪ ଜୁଲାଇ ପରଠାରୁ, ସାମସନ ଭାରତ ପାଇଁ ଟି-୨୦ରେ ସର୍ବାଧିକ ରନ କରିଛନ୍ତି । ଏଥିରେ ଦକ୍ଷିଣ ଆଫ୍ରିକାରେ ହାସଲ କରିଥିବା ତିନୋଟି ଶତକ ସାମିଲ । ବ□ମାନ, ଅଭିଷେକ ଶର୍ମା ଟି-୨୦ ଅନ୍ତର୍ଜାତୀୟରେ ବିଶ୍ୱର ନମ୍ବର-୧ ବ୍ୟାଟସମ୍ୟାନ । ତିଲକ ବର୍ମାଙ୍କ ତୃତୀୟ ନମ୍ବରରେ ଖେଳିବା ନିଶ୍ଚିତ ଲାଗୁଛି । ମଧ୍ୟକ୍ରମରେ, ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହିତ ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂହ, ଶିବମ ଦୁବେ ଏବଂ ଜିତେଶ ଶର୍ମା ଭଳି ଖେଳାଳିଙ୍କୁ ଦଳ ଖେଳାଇପାରେ । ସ୍ପିନ୍ ବିଭାଗରେ ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ ଏବଂ କୁଲଦୀପ ଯାଦବଙ୍କୁ ସୁଯୋଗ ମିଳିପାରେ । ଦ୍ରୁତ ବୋଲିଂ ବିଭାଗରେ ହର୍ଷିତ ରାଣା, ଅର୍ଶଦୀପ ସିଂ ଏବଂ ଯଶପ୍ରୀତ ବୁମରାଙ୍କୁ ସୁଯୋଗ ମିଳିପାରେ । ଏସିଆ କପ୍ ପାଇଁ ଭାରତର ସମ୍ଭାବିତ ୧୫ ଜଣିଆ ଦଳ ଅଭିଷେକ ଶର୍ମା, ସଞ୍ଜୁ ସାମସନ୍ (ୱିକେଟ୍ ରକ୍ଷକ), ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ୍ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ (ଉପ-ଅଧିନାୟକ) ତିଲକ ଭର୍ମା, ଜିତେଶ ଶର୍ମା (ୱିକେଟ୍ ରକ୍ଷକ) ସିଂ, ହର୍ଷିତ ରାଣା ଏବଂ ଯଶପ୍ରୀତ ବୁମରା ।






















Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das